# Akashvani, Sambalpur

## SAMBALPURI NEWS BULLETIN

### 19 May 2025- 6.47- 6.52 am.

*********************************************

ଅକ୍ଷୟ ଶକ୍ତି ବିନିର୍ମାଣ ହବ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଅକ୍ଷୟ ଶକ୍ତି ବିନିର୍ମାଣ ହବ୍ ଭାବେ ବିକଶିତ୍ କର୍‌ବାର୍ ଦିଗେ ରାଜ୍ୟ ସର୍‌କାର୍ ଭିନ୍ ଭିନ୍ ଯୋଜ୍‌ନା ଆନୁଛନ୍ ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ । ରାଏଜେ ସୋଲର୍ ଫଟୋଭୋଲ୍‌ଟିକ୍ ସେଲ୍, ଇଲେକ୍ଟ୍ରୋଲାଇଜର୍, ବେଟ୍‌ରୀ ଷ୍ଟୋରେଜ୍ ସିଷ୍ଟମ୍ ବାଗିର୍ କ୍ଷେତ୍ର ମାନ୍‌କେ ନିବେଶ୍ ଲାଗି କମ୍ପାନୀମାନେ ଆଗ୍‌କେ ଆସୁଛନ୍ । ମେକ୍ ଇନ୍ ଓଡ଼ିଶାଥି ଅକ୍ଷୟଶକ୍ତି କ୍ଷେତ୍ର ୪ ଲାଖ୍ ୪୦ ହଜାର୍ କୋଟି ନୁ ଅଏତ୍‌କା ଟଙ୍କାର୍ ନିବେଶ୍ ପ୍ରସ୍ତାବ୍ ମିଲିଛେ । ଇଟା ରାଜ୍ୟକେ ଅକ୍ଷୟ ଶକ୍ତି ବିନିର୍ମାଣ ହବ୍ ଭାବେ ବିକଶିତ୍ କର୍‌ବାର୍ ଦିଗେ ବଡ଼ ଭୂମିକା ନେବା ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆଶା କରାଯାଉଛେ ।

ନୂଆଁ ପୋପ୍ ଶପଥ୍ ଗ୍ରହଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଁ ପୋପ୍ ଲିଓ ଚତୁର୍ଦ୍ଦଶଙ୍କର୍ ଶପଥ୍ ଗ୍ରହଣ୍ ସମାରୋହ ଗଲାକାଏଲ୍ ଭେଟିକାନ୍ ସିଟିର ସେଂଟ୍ ପିଟର୍ସ ସ୍କୋୟାର୍ ନ ହେଇଯାଇଛେ । ଭାରତୀୟ ସମିଆ ଅନ୍‌ସାରେ ଦିନର୍ ଦେଢ୍ ବଜେ ଇ କାର୍ଯ୍ୟକ୍ରମ୍ ମୁଲ୍ ହେଇଥିଲା । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ସାରା ପୁର୍‌ଥିନୁ ବହୁତ୍ ନେତା ଭେଟିକାନ୍ ସିଟି ପୁହୁଁଚିଥିଲେ ।

ହାଇକୋର୍ଟ ଖରାଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ଲାଗି ଆଏଜ୍‌ଠାନୁ ଜୁନ୍ ମାସର୍ ୧୬ ତାରିଖ୍‌ତକ୍ ଖରାଛୁଟି ହେବା । ଇ ସମିଆ ଭିତ୍‌ରେ ହାଇକୋର୍ଟ ନ ମେ ୨୦, ୨୩, ୨୭, ୩୦ ଆର୍ ଜୁନ୍ ୩, ୪, ୧୦ ଆର୍ ୧୩ ତାରିଖ୍ ଦିନ ଅବକାଶ ପୀଠ ବସ୍‌ବା । ସଖାଲର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ କାମ୍ ହେବା ।

ମୁଖ୍ୟମନ୍ତ୍ରୀ- ଜନ ଅଭିଯୋଗ୍ ଶୁଣାଣି ଶିବିର୍/ ଆର୍‌ଏନ୍‌ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଆଏଜ୍ ସଖାଲର୍ ୮ ବଜେନୁ ନୂଆଁ ଜାଗା ଭୁବ୍‌ନେଶ୍ୱର୍‌ର ୟୁନିଟ୍-୨ ଅଶୋକ ନଗର୍ ଠାନେ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ହେବା ।

ଆବେଦନ୍‌କାରୀ ନିଜର୍ ଅଭିଯୋଗ୍ ପତ୍ର ସଙ୍ଗେ ପଞ୍ଜିକରଣ୍ ପ୍ରାପ୍ତି ସ୍ୱିକାର୍ ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ନେଇକରି ଧାରିଜ୍ ଜାଗା ନ ଠିକ୍ ସମିଆଥି ପୁହୁଁଚିକରି ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ୍ ଜନେଇପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା ଯାତ୍ରୀ ଆପ୍- ଆମ୍ବୁଲେନ୍ସ ସେବା ଲିଙ୍କ/ଆର୍‌ଏନ୍‌ୟୁ ସମ୍ବଲପୁର

ବେସର୍‌କାରୀ ଆମ୍ବୁଲେନ୍ସ ସେବାକେ ନିଜର୍ ନିୟନ୍ତ୍ରଣ୍ ରଖ୍‌ବାର୍ ଉଦ୍ଦେଶ୍‌ଥି ସ୍ୱାସ୍ଥ୍ୟ ବିଭାଗ୍ ଆଉ ପରିବହନ୍ ବିଭାଗ୍ ତର୍‌ଫୁ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସବୁ ବେସର୍‌କାରୀ ନିବନ୍ଧିତ୍ ଆମ୍ବୁଲେନ୍ସ ମାନ୍‌କୁ ଲୋକେସନ୍ ଟ୍ରାକିଂ ସିଷ୍ଟମ୍ ସହେତେ ଜୁନ୍‌ବାର୍ ଲାଗି ଆଲୋଚନା ହେଇଛେ । ଓଡ଼ିଶା ଯାତ୍ରୀ ଆପ୍ ସହେତେ ଆମ୍ବୁଲେନ୍ସ ସେବାକେ ଲିଙ୍କ କରାଯିବା ବଲି ବୈଠକ୍‌ଥି ଆଲୋଚନା ହେଇଥିବା ।

ରାଜସ୍ୱ ମନ୍ତ୍ରୀ-ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍ ବ୍ଲକ୍‌ର ଭିନ୍ ଭିନ୍ ଜାଗା ନ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଉନ୍ନୟନ୍‌ମୂଲକ୍ କାମ୍‌ର ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କରିଛନ୍ । ୨୦୨୫ -୨୬ ଆର୍ଥିକ୍ ବଛ୍‌ରେ ରାଜ୍ୟ ଯୋଜ୍‌ନା ପାଣ୍ଠିନୁ ତେଲେନ୍‌ପାଲିନୁ ସହରାପଡ଼ାତକ୍ ରାସ୍ତା ପ୍ରଶସ୍ତିକରଣ୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ଶିଳାନ୍ୟାସ୍ କରିଛନ୍ । ସେନ୍ତା ସମର୍‌ବଗାଠାନେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍‌କେ ଭିଲ୍ ମନ୍ତ୍ରୀ ଉଦ୍‌ଘାଟନ୍ କରିଛନ୍ ।

ବେଲ୍‌ପାହାଡ଼୍ କୋଲ୍ କରିଡ଼ର୍-ରାଜସ୍ୱ ମନ୍ତ୍ରୀ/ଆର୍‌ଏନ୍‌ୟୁ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ବହୁପ୍ରତିକ୍ଷିତ ବେଲ୍‌ପାହାଡ଼୍ କୋଲ୍ କରିଡ଼ର୍ ଆଉ ବାଇପାସ୍ ୪ ଥାକିଆ ରାସ୍ତା ତିଆର୍ ଲାଗି  ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ ଶିଳାନ୍ୟାସ୍ କରିଛନ୍ । ୩୫ କୋଟି ୭୪ ଲାଖ୍ ନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ଇ ବାଇପାସ୍ ରାସ୍ତା ତିଆର୍ ହେବା । ଇ କରିଡର୍ ଆର୍ ରାସ୍ତା ତିଆର୍ ହେଲେ କୁଇଲା ପରିବହନ୍ କ୍ଷେତ୍ରଥି ସାହାଜ୍ ହେବାର୍ ସହେତେ କୁଇଲା ପରିବହନ୍ ଲାଗି ଇଲାକା ନ ଚଲାଚଲ୍ କରୁଥିବା ଭରିଯାନ ସମସ୍ୟା ଭିଲ୍ ଦୂର୍ ହେଇପାର୍‌ବା ।

ଚକଅଖ ଡେରା                    ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ନ ଆଏଜ୍ ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଅବ୍ସରେ ପରମ୍ପରା ହିସାବେ ରଥଖଳା ନ ଚକଅଖ ଡେରା ହେବା । ସଖାଳଧୂପ ନୀତି ଶେଷ୍ ହେବାର୍ ଉତ୍ରୁ ଆଜ୍ଞାମାଳ ବିଜେ ହେଇକରି ସବୁ ରଥର୍ ୨ ଟା ଚକାଥି ଅଖଡେରା ନୀତି କରାଯିବା । ସେନ୍ତା ଆଏଜ୍ ବାହାର ଚନ୍ଦନ୍ ଯାତ୍ରାର୍ ଶେଷ୍ ଦିନ୍ ହେଇଥିବାର୍ ବେଲେ ନରେନ୍ଦ୍ର ପୁଷ୍କରିଣୀ ନ ରାତ୍ର ଚାପଥି ୨୧ ଘେରା ଜଳକ୍ରୀଡ଼ା କରାଯିବା । ଇତାର୍ସହେତେ ଭଉଁରୀ ବିଧି ଭିଲ୍ ହେବା ।

ଯୁବ ପ୍ରଶିକ୍ଷଣ୍ ଶିବିର୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ସାର୍ବଜନୀନ ଗ୍ରନ୍ଥାଗାର୍ ପରିସର୍ ନ ଯୁବ ପ୍ରଶିକ୍ଷଣ୍ ଶିବିର୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ଶୃଙ୍ଖଳା ଆଉ ସମୟାନୁବର୍ତ୍ତିତା ଉପ୍ରେ ପ୍ରଶ୍ନୋତର୍ ଜରିଏ ଅତିଥିମାନେ ଆଲୋଚନା କରିଥିଲେ । ସେନ୍ତା କାର୍ଯ୍ୟକ୍ରମ୍ର ୨ ନମ୍ବର୍ ଖେପେ କୃତ୍ରିମ ବୁଦ୍ଧିମତାର୍ ବେଭାର୍, ଆବଶ୍ୟକତା ଆଉ ବିପଦ୍ ବାବ୍ଦେ ସୂଚ୍ନା ଦିଆଯାଇଥିଲା । କାର୍ଯ୍ୟକ୍ରମ୍ଥି ୫୬ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ନୂଆପଡ଼ା- ଫସଲ୍ ନୁକ୍ସାନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ମଣ୍ଡୋବିର୍ଲି ଗାଁ ନ ଫସଲ୍ ନୁକ୍‌ସାନ୍‌କେ ନେଇକରି କୃଷି ବିଭାଗ୍ ଆଉ କୃଷି ବିଜ୍ଞାନ୍ କେନ୍ଦ୍ରର୍ ବୈଜ୍ଞାନିକ୍ ପ୍ରତିନିଧି ଦଲ୍ ତଦନ୍ତ୍ କରିଛନ୍ । ତଦନ୍ତ୍ ଉତ୍‌ରୁ ଇଲାକାର୍ ୩ ଶହ ଏକଡ୍‌ନୁ ଅଏତ୍‌କା ଜମିନ୍‌ଥି ଚାଷ୍ ହେଇଥିବାର୍ ବେଲେ ରୋଗ୍ ପୋକ୍ ଲାଗି ଫସଲ୍ ନୁକ୍‌ସାନ୍ ହେଇଥିବାର୍ ବାବ୍‌ଦେ ଜନାପଡ଼ିଛେ ।

ଅନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟର୍ ଇତିହାସ୍ ବିଭାଗ୍ ତର୍‌ଫୁ ଅନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ ପାଲିତ୍ ହେଇଯାଇଛେ । ଇତିହାସ୍ ବିଭାଗ୍‌ର ମୁଖ୍ୟ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ । ଇତିହାସ୍ ବିଭାଗ୍‌ର ଥାପ୍‌ନା କରାଯାଇଥିବା ପ୍ରତ୍ନତାତ୍ତ୍ୱିକ୍ ସଂଗ୍ରହାଲୟ ନ ବହୁତ୍ ଦୁର୍ଲଭ ଐତିହ୍ୟ କିର୍ତିରାଜି ଠାନ୍ ପାଇଛେ ଆଉ ଯେନ୍‌ଟା ଦେଶ୍ ଆଉ ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ଅନାଯାଇଛେ ବଲି ସୂଚ୍‌ନା ଦିଆଯାଇଛେ ।

ପାଣିପାଗ            ହି.ସ.

ଆଏବା ୫ ଦିନ୍‌ତକ୍ ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍ ଜାରି ରହେବା । ଇଥିର୍‌ଲାଗି ଝାର୍‌ସୁଗୁଡ଼ା , ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୦ ଟା

ଜିଲ୍ଲାକେ ଜବର୍ ଧୁକାଗର୍ଡ଼ି ସାଙ୍ଗେ ବର୍ଷାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ଇତାର୍‌ସହେତେ ରାଜ୍ୟର୍ ଆଉ ୧୩ ଟା ଜିଲ୍ଲାକେ ଧୁକାପବନ୍ ଆଉ ବର୍ଷାକେ ନେଇକରି ସତର୍କ ସୂଚ୍‌ନା ଜାରି କରାଯାଇଛେ । କାଲ୍‌ବୈଶାଖୀର୍ ବଲେ ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମଧ୍ୟମ୍ ଧରଣ୍‌ର ବର୍ଷା ରେକର୍ଡ଼ କରାଯାଇଛେ । ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ବଣେଇଠାନେ ସବୁନୁ ଅଏତ୍‌କା ୫୧ ଦଶ୍‌ମିକ୍ ୪ ମିଲିମିଟର୍ ବର୍ଷା ରେକର୍ଡ଼ ହେଇଛେ ।